ଚଳିତ ରବି ଋତୁରେ ରାଜ୍ୟର ଚାଷୀ ମାନଙ୍କୁ ଧାନ ଓ ଅଣଧାନ ଜାତୀୟ ବିହନ ନିମ୍ନଲିଖିତ ରିହାତି ଦରରେ ଯୋଗାଇ ଦେବାର ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇ ଅଛି ।

| ବିହନର ନାମ | ରିହାତି ଦର କ୍ୱିଣ୍ଟାଲ ପ୍ରତି (ଟଙ୍କାରେ) |
| --- | --- |
| ଧାନ | ୧୪୫୦ (୧୦ ବର୍ଷ ଭିତରେ) |
| ଧାନ | ୧୬୦୦ (ଅନ୍ୟାନ୍ୟ) |
| ଗହମ | ୧୮୦୦ |
| ମୁଗ | ୭୦୦୦ |
| ବିରି | ୭୦୦୦ |
| ମାଣ୍ଡିଆ | ୧୫୩୨ |
| ଚିନାବାଦାମ | ୫୩୦୦ |
| ସୋରିଷ | ୫୦୦୦ |
| ମଟର | ୩୬୦୦ |
| ବୁଟ | ୪୫୦୦ |

ବର୍ତ୍ତମାନ କୃଷି ବିଭାଗ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ପ୍ରାମାଣିକ ଚିନାବାଦାମ ବିହନ ବିକ୍ରୟ କରୁଅଛି । ତେଣୁ ଚାଷୀ ମାନଙ୍କୁ ଅନୁରୋଧ ଆପଣ ମାନେ ଚିନାବାଦାମ ବିହନ ଉପଲବ୍ଧତା ପାଇଁ ନିକଟସ୍ଥ ପ୍ରାଥମିକ କୃଷି ସମବାୟ ସମିତି ସହିତ ଯୋଗାଯୋଗ କରି ନିଜ ନିଜର ବିହନ ସଂଗ୍ରହ କରନ୍ତୁ । ଚିନାବାଦାମ ବିହନ ସହିତ ଅନ୍ୟାନ୍ୟ ଅଣଧାନ ବିହନ ପାଇଁ ବ୍ଲକ ସ୍ତରରେ ରହିଥିବା ସ୍ଥାନୀୟ ସହକାରୀ କୃଷି ଅଧିକାରୀ, ଜିଲ୍ଲା କୃଷି ଅଧିକାରୀ ଓ କୃଷି ଉପନିର୍ଦ୍ଦେଶକଙ୍କ ସହିତ ଯୋଗାଯୋଗ ସ୍ଥାପନ କରି ନିଜ ନିଜର ଆବଶ୍ୟକ ହେଉଥିବା ରବି ବିହନ ସଂଗ୍ରହ କରନ୍ତୁ ଏବଂ ରବି କାର୍ଯ୍ୟକ୍ରମକୁ ସଫଳ କରନ୍ତୁ ।

ଏତଦ୍ ବ୍ୟତୀତ ରବି ବିହନର ସବିଶେଷ ତଥ୍ୟ ରାଜ୍ୟ କୃଷି ନିର୍ଦ୍ଦେଶାଳୟ ର website "https://odishaseedsportal.nic.in" ରେ ଉପଲବ୍ଧ ହେଉଅଛି ।

**କୃଷି ବିଭାଗ, ଓଡିଶା**